# NATIONAL NEWS BULLETIN (ODIA)

**15 November - 2024**

**Morning Bulletin : 7.15 a.m.**

*******************************

## ମୁଖ୍ୟ ସମ୍ବାଦ

- ଜନଜାତି ବର୍ଗ ଲୋକଙ୍କ ବିକାଶ ହୋଇପାରିଲେ ଦେଶ ପ୍ରକୃତ ରୂପେ ବିକଶିତ ହୋଇପାରିବ କହିଲେ ରାଷ୍ଟ୍ରପତି ।
- ଜନଜାତୀୟ ଗୌରବ ଦିବସ ଅବସରରେ ଆଜି ବିହାରରେ ଆୟୋଜିତ ହେବାକୁ ଥିବା ସମାରୋହରେ ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଆଜି ଉଦ୍‌ଘାଟନ କରିବେ ପ୍ରଥମ ବୋଡୋଲ୍ୟାଣ୍ଡ ମହୋତ୍ସବ ।
- ଗୁରୁ ନାନକଙ୍କ ପ୍ରକାଶପର୍ବ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ।

ଏବଂ

- ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାରି ଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଚତୁର୍ଥ ତଥା ଅନ୍ତିମ ମ୍ୟାଚ୍ ଆଜି ଖେଳାଯିବ ଜୋହାନ୍ସବର୍ଗରେ ।

# ରାଷ୍ଟ୍ରପତି-ଜନଜାତୀୟ ଗୌରବ ଦିବସ

ଜନଜାତି ବର୍ଗ ଲୋକଙ୍କର ବିକାଶ ହୋଇପାରିଲେ ଦେଶ ପ୍ରକୃତ ରୂପେ ବିକଶିତ ହୋଇପାରିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି । ଜନଜାତୀୟ ଗୌରବ ଦିବସର ଅବ୍ୟବହିତ ପୂର୍ବରୁ ଗତକାଲି ସନ୍ଧ୍ୟାରେ ରାଷ୍ଟ୍ରକୁ ସମ୍ବୋଧନ କରି ସେ ଏହା କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଆଦିବାସୀ ସମ୍ପ୍ରଦାୟ ଲୋକଙ୍କର ତ୍ୱରିତ ପ୍ରଗତି ଉପରେ ପ୍ରାଥମିକତା ଦେଇ ବର୍ତ୍ତମାନର କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି । ଆଦିବାସୀ ସମ୍ପ୍ରଦାୟର ଶତାବ୍ଦୀ ପୁରାତନ ପରିଚୟ ଅକ୍ଷୁର୍ଣ୍ଣ ରଖିବା ସହିତ ସେମାନେ ବିକାଶ ମାର୍ଗରେ ଅଗ୍ରସର ହେବା ଦେଶ ଚାହୁଁଛି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଏହି ପରିପ୍ରେକ୍ଷୀରେ ଦେଶବ୍ୟାପି ଜନଜାତି କଲ୍ୟାଣକାରୀ ବିଭିନ୍ନ ଯୋଜନା କାର୍ଯ୍ୟକାରି କରାଯାଉଛି । ଏହିସବୁ ଯୋଜନାର ସୁଫଳ ଯେଉଁଳି ପ୍ରତ୍ୟେକ ଜନଜାତି ବର୍ଗର ଲୋକଙ୍କ ନିକଟରେ ସମୟ ଅନୁସାରେ ଉପଲବ୍ଧ ହେବ ତାହା ମଧ୍ୟ ସୁନିଶ୍ଚିତ କରିବା ଲାଗି ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତ ଗଠନ ଲକ୍ଷ୍ୟ ହାସଲ ଲାଗି ଜନଜାତି ସମାଜରୁ ସିକଲ୍ ସେଲ୍ ରକ୍ତହୀନତା ସମ୍ପୂର୍ଣ୍ଣ ଦୂର କରିବାର

ପ୍ରୟାସ ଜାରି ରହିଛି । ଏଥିସହିତ ଏହି ବର୍ଗର ଲୋକଙ୍କର ବିକାଶ ଲାଗି ସରକାର ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ବଜେଟ୍‌ରେ ୧୩ ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି, ଯାହାକି ଗତବର୍ଷ ବଜେଟ୍‌ରେ କରାଯାଇଥିବା ବ୍ୟୟବରାଦ ପରିମାଣ ଠାରୁ ୭୪ ପ୍ରତିଶତ ଅଧିକ ବୋଲି ରାଷ୍ଟ୍ରପତି କହିଛନ୍ତି । ସେ କହିଛନ୍ତି, ଆଦିବାସୀ ସମାଜର ଲୋକମାନେ ଯୁଗ ଯୁଗ ଧରି ଦେଶର ସଭ୍ୟତା ଓ ସଂସ୍କୃତିକୁ ସମୃଦ୍ଧ କରି ଆସୁଛନ୍ତି । ଆଦିବାସୀ ସମାଜରେ ପ୍ରଚଳିତ ଭାତୃତ୍ୱ ଏବଂ ସଦ୍‌ଭାବନାର ସମ୍ପର୍କ ଦେଶର ସଂସ୍କୃତି ଓ ସଭ୍ୟତାର ଭିତ୍ତିଭୂମି ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି ।

## ପିଏମ୍-ଜନଜାତୀୟ ଗୌରବ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାରର ଜାମୁଇ ଠାରେ ଆୟୋଜିତ ହେବାକୁ ଥିବା ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ । ଏଥିସହିତ ଭଗବାନ ବିର୍ସା ମୁଣ୍ଡାଙ୍କ ଦେଶବ୍ୟାପି ୧୫୦ତମ ଜୟନ୍ତୀ ବାର୍ଷିକୀ ସମାରୋହ ଆରମ୍ଭ ହେବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଭଗବାନ ବିର୍ସା ମୁଣ୍ଡାଙ୍କ ସମ୍ମାନାର୍ଥେ ଏକ ସ୍ମାରକ ମୁଦ୍ରା ଏବଂ ଡାକଟିକଟ ଉନ୍ମୋଚନ କରିବେ । ଶ୍ରୀ ମୋଦୀ ଆଦିବାସୀ ସଂପ୍ରଦାୟଙ୍କ ବିକାଶ ତଥା ଦୁର୍ଗମ ଅଞ୍ଚଳରେ ଭିତ୍ତିଭୂମି ଉନ୍ନତି ଲାଗି ୬ ହଜାର ୬୪୦

କୋଟିରୁ ଅଧିକ ଟଙ୍କାର କେତେକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି ।  ଆକାଶବାଣୀ ଦିଲ୍ଲୀ ଏବଂ ଏହାର ଏଫ୍.ଏମ୍.ଗୋଲ୍ଡ, ଇନ୍ଦ୍ରପ୍ରସ୍ଥ ଏବଂ ଆକାଶବାଣୀ ଲାଇଭ୍ ନ୍ୟୁଜ୍ ୨୪ ଘଣ୍ଟିଆ ଚ୍ୟାନେଲରେ ପୂର୍ବାହ୍ନ ସାଢ଼େ ୧୧ଟାରୁ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ ।

ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହାଅଭିଯାନ ଅଧୀନରେ ନିର୍ମିତ ୧୧ ହଜାର ଆବାସ ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଯୋଗଦେବେ । ଏହି ଅଭିଯାନ ଅଧୀନରେ ୨୩ଟି ଭ୍ରାମ୍ୟମାଣ ମେଡିକାଲ ୟୁନିଟ୍ ଏବଂ ଧର୍ତ୍ତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ୩୦ଟି ଅତିରିକ୍ତ ଭ୍ରାମ୍ୟମାଣ୍ୟ ମେଡିକାଲ ୟୁନିଟ୍‌ର ମଧ୍ୟ ଉଦଘାଟନ କରିବେ । ଆଦିବାସୀ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ସହ ଜୀବିକା ସହାୟତା ଲକ୍ଷ୍ୟରେ ୩୦୦ଟି ବନଧନ ବିକାଶ କେନ୍ଦ୍ର ଏବଂ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ୧୦ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ମଧ୍ୟପ୍ରଦେଶର ଛିନ୍ଦ୍‌ୱାଡ଼ା ଏବଂ ଜବଲପୁରରେ ଦୁଇଟି ଆଦିବାସୀ ସ୍ୱାଧୀନତା ସଂଗ୍ରହାଳୟ, ଜାମ୍ମୁ-କାଶ୍ମୀର ଶ୍ରୀନଗର ଏବଂ ସିକ୍କିମର ଗ୍ୟାଙ୍ଗଟକ୍‌ରେ  ଦୁଇଟି ଆଦିବାସୀ ଗବେଷଣା ପ୍ରତିଷ୍ଠାନର ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ । ଆଦିବାସୀ ଅଞ୍ଚଳରେ ସଡ଼କ

ଯୋଗାଯୋଗ କ୍ଷେତ୍ରରେ ଉନ୍ନତି ଆଣିବା ଲକ୍ଷ୍ୟରେ ପି.ଏମ୍. ଜନ୍‌ମନ୍ ଯୋଜନା ଅଧୀନରେ ୫୦୦ କିଲୋମିଟର ସଡ଼କ ପଥ ଏବଂ ୧୦୦ଟି ବହୁମୁଖୀ କେନ୍ଦ୍ରର ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

ଦେଶର ସ୍ୱାଧୀନତା ସଂଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ଅବଦାନକୁ ସମ୍ମାନ ଜଣାଇବା ସହ ଭଗବାନ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ପ୍ରତିବର୍ଷ ନଭେମ୍ବର ୧୫ ତାରିଖରେ ଜନଜାତୀୟ ଗୌରବ ଦିବସ ପାଳନ କରାଯାଇଥାଏ ।

# ପିଏମ୍-ଛତିଶଗଡ଼

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନଜାତୀୟ ଗୌରବ ଦିବସ ଅବସରରେ ଆଜି ଛତିଶଗଡ଼ର ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ହେଉଥିବା ସମାରୋହରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଉଦ୍‌ବୋଧନ ଦେବେ । ଏଥିସହିତ ଶ୍ରୀ ମୋଦୀ ପି.ଏମ୍. ଜନ୍‌ମନ୍ ଯୋଜନାର ହିତାଧିକାରୀଙ୍କ ସହିତ ମଧ୍ୟ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

ଏ ସମ୍ପର୍କରେ ଆମ ସମ୍ବାଦଦାତାଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଅବସରରେ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏହି ପରିପ୍ରେକ୍ଷୀରେ ଆଜିଠାରୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ

ଛତିଶଗଡ଼ରେ ପି.ଏମ୍. ଜନ୍‌ମନ୍ ଓ ଧର୍ତ୍ତି ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ବିଭିନ୍ନ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜିତ ହେବ । ସେହିଭଳି ଗତକାଲି ଠାରୁ ରାଇପୁର ଠାରେ ଦୁଇ ଦିନିଆ ଜନଜାତୀୟ ଗୌରବ ଦିବସ ଉତ୍ସବ ସହିତ ଆନ୍ତଃ ରାଜ୍ୟ ଜନଜାତି ଲୋକନୃତ୍ୟ ମହୋତ୍ସବ ଆରମ୍ଭ ହୋଇଯାଇଛି । ୨୧ଟି ରାଜ୍ୟର ବିଭିନ୍ନ ଆଦିବାସୀ କଳାକାର ଏଥିରେ ଅଂଶଗ୍ରହଣ କରିଛନ୍ତି ବୋଲି ଆମ ସମ୍ବାଦାତା ଜଣାଇଛନ୍ତି ।

## ପିଏମ୍ ବୋଡୋଲାଣ୍ଡ ମହୋତ୍ସବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ପ୍ରଥମ ବୋଡୋଲ୍ୟାଣ୍ଡ ମହୋତ୍ସବକୁ ଉଦ୍‌ଘାଟନ କରିବେ । ଏକ ଚଳଞ୍ଚଳ ବୋଡୋ ସମାଜ ଗଠନ ସହ ନିରନ୍ତର ଶାନ୍ତି ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ଦୁଇ ଦିନିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମହୋତ୍ସବର ଆୟୋଜନ କରାଯାଇଛି ।

ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ଏହି ମହୋତ୍ସବ କେବଳ ବୋଡୋଲ୍ୟାଣ୍ଡ ମଧ୍ୟରେ ବସବାସ କରୁଥିବା ବୋଡୋ ସମ୍ପ୍ରଦାୟର ଲୋକଙ୍କ ପାଇଁ ନୁହେଁ ବରଂ ଆସାମ, ପଶ୍ଚିମବଙ୍ଗ, ନେପାଳ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଆନ୍ତର୍ଜାତିକ ସୀମାବର୍ତ୍ତୀ ଅଞ୍ଚଳରେ ରହୁଥିବା ଏହି ସମ୍ପ୍ରଦାୟର ଲୋକଙ୍କୁ

ସମନ୍ୱିତ କରିବା ହେଉଛି ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ । ପ୍ରଥମ ବୋଡୋଲ୍ୟାଣ୍ଡ ମହୋତ୍ସବର ବାର୍ତ୍ତା ରହିଛି 'ଏକ ସମୃଦ୍ଧ ଭାରତ ଲାଗି ଶାନ୍ତି ଓ ସଦ୍‌ଭାବନା' । ଏଥିସହିତ ବୋଡୋ ସମ୍ପ୍ରଦାୟ ସମେତ ବୋଡୋଲ୍ୟାଣ୍ଡ ଅଞ୍ଚଳରେ ବସବାସ କରୁଥିବା ଅନ୍ୟାନ୍ୟ ସମ୍ପ୍ରଦାୟର ସଂସ୍କୃତି, ଭାଷା ଓ ଶିକ୍ଷା ଉପରେ ମଧ୍ୟ ଏହାଦ୍ୱାରା ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯିବ । ୨୦୨୦ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବୋଡୋ ଶାନ୍ତି ରାଜିନାମା ସ୍ୱାକ୍ଷରିତ ହେବା ପରଠାରୁ ନିରନ୍ତର ଶାନ୍ତି ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ମହୋତ୍ସବ ପାଳନ କରାଯାଉଛି ।

## ପ୍ରେଜ୍-ଭିପି-ଗୁରୁ ନାନକ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଦେଶବାସୀଙ୍କୁ ଗୁରୁ ନାନକଙ୍କ ପ୍ରକାଶ ପର୍ବ ଅବସରରେ ଅଭିନନ୍ଦନ ଜଣାଇଛନ୍ତି । ଏହି ଅବସରରେ ନିଜ ବାର୍ତ୍ତାରେ ରାଷ୍ଟ୍ରପତି ଦେଶ ଏବଂ ବିଦେଶରେ ବସବାସ କରୁଥିବା ବିଶେଷ କରି ଶିଖ୍ ସମ୍ପ୍ରଦାୟ ଲୋକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ଗୁରୁ ନାନକ ପ୍ରେମ, ବିଶ୍ୱାସ, ସତ୍ୟତା ଓ ତ୍ୟାଗ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିଲେ । ତାଙ୍କର

ଜୀବନ ଆଦର୍ଶ ଜନସାଧାରଣଙ୍କ ନୈତିକ ମୂଲ୍ୟବୋଧକୁ ସଶକ୍ତ କରିବା ଦିଗରେ ସହାୟକ ହୋଇଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

ଗୁରୁ ନାନକଙ୍କ ୫୫୫ତମ ଜନ୍ମ ବାର୍ଷିକୀ ଅବସରରେ ନିଜ ଶୁଭେଚ୍ଛା ବାର୍ତ୍ତା ଦେଇ ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ ଗୁରୁ ନାନକଙ୍କର ସତ୍ୟତା, ଭ୍ରାତୃଭାବ ଏବଂ ଏକତା ନୀତି ଆପଣାଇ ଏକ ସୁସ୍ଥ ସମାଜ ଗଠନ ଦିଗରେ କାର୍ଯ୍ୟ କରିବା ଲାଗି ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

## ଝାଡ଼ଖଣ୍ଡ-କ୍ୟାମ୍ପେନିଂ

ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଝାଡ଼ଖଣ୍ଡ ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ସେଠାରେ ପ୍ରଚାର କାର୍ଯ୍ୟ ସରଗରମ ହୋଇଛି । ଏନ୍.ଡି.ଏ. ଓ ଇଣ୍ଡି ମେଣ୍ଟ ସମେତ ଅନ୍ୟାନ୍ୟ ଦଳୀୟ ନେତୃବୃନ୍ଦଙ୍କ ପକ୍ଷରୁ ଭୋଟରମାନଙ୍କୁ ନିଜ ସପକ୍ଷରେ ଆକୃଷ୍ଟ କରିବା ଲାଗି ପ୍ରଚେଷ୍ଟା ଜାରି ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ବିଜେପିର ବରିଷ୍ଠ ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଧାନବାଦ୍‌ର ତୁଣ୍ଡି, ରାଞ୍ଚିର ଧୁର୍ବା

ଏବଂ ଗୋଡା ଠାରେ ପୃଥକ ପୃଥକ ତିନୋଟି ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ।

ଅନ୍ୟ ପକ୍ଷରେ କଂଗ୍ରେସ ବରିଷ୍ଠ ନେତା ରାହୁଲ ଗାନ୍ଧି ମଧ୍ୟ ଆଜି ଗୋଡାର ମାହାଗାମା ଏବଂ ବୋକାରାର ବର୍ମୋ ଠାରେ ଦୁଇଟି ପୃଥକ ଜନସମାବେଶରେ ନିର୍ବାଚନୀ ପ୍ରଚାର କରିବେ ।

ସେହିଭଳି ଜେ.ଏମ୍.ଏମ୍. ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଆଜି ନାଲା, ବୋରିଓ ଏବଂ ପୋରାଇ-ୟାହାତ ଠାରେ ନିର୍ବାଚନୀ ର୍ୟାଲିରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

## ଝାଡ଼ଖଣ୍ଡ-ଡୁମକା ପ୍ରୋଫାଇଲ୍

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଲାଗି ଆସନ୍ତା ୨୦ ତାରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ । ଏହି ଅବସରରେ ନିର୍ବାଚନ ମଣ୍ଡଳୀ ପ୍ରୋଫାଇଲ୍ ପରିପ୍ରେକ୍ଷୀରେ ଆଜି ଆମେ ଝାଡ଼ଖଣ୍ଡର ଡୁମ୍‌କା ବିଧାନସଭା ଆସନ ଉପରେ  ନଜର ପକାଇବା ।

ଏହି ଆସନଟି ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କ ଲାଗି ସଂରକ୍ଷିତ । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଭାଇ ତଥା ବର୍ତ୍ତମାନ ସେହି ଆସନରୁ ବିଧାୟକ ହୋଇଥିବା ବସନ୍ତ ସୋରେନ ଚଳିତ ନିର୍ବାଚନରେ

ଡୁମ୍କାରୁ ଜେ.ଏମ୍.ଏମ୍. ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି । ସେହିଭଳି ବିଜେପି ପକ୍ଷରୁ ପୂର୍ବତନ ସାଂସଦ ସୁନୀଲ ସୋରେନଙ୍କୁ ସେଠାରେ ପ୍ରାର୍ଥୀ କରାଯାଇଥିବା ବେଳେ ବି.ଏସ୍.ପି. ବାବୁରାମ ମୁର୍ମୁଙ୍କୁ ଡୁମକା ଲାଗି ଟିକଟ ଦେଇଛି । ଏହି ନିର୍ବାଚନରେ ଡୁମକା ଆସନ ଲାଗି ୭ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ମୋଟ୍ ୧୩ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସହରାଞ୍ଚଳ ବିକାଶ, ଜନଜାତି ବର୍ଗ ଲୋକଙ୍କର ଅଧିକାର ଏବଂ ମୌଳିକ ଭିତ୍ତିଭୂମି ଗଠନ ଆଦି ଏହି ନିର୍ବାଚନ ମଣ୍ଡଳୀର ମୁଖ୍ୟ ପ୍ରସଙ୍ଗ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## କ୍ରିକେଟ୍

ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାରି ଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଚତୁର୍ଥ ତଥା ଅନ୍ତିମ ମ୍ୟାଚ୍ ଆଜି ଖେଳାଯିବ । ଭାରତୀୟ ସମୟ ରାତି ୮ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଜୋହାନ୍ସବର୍ଗର ୱାଣ୍ଡରର୍ସ୍ ଷ୍ଟାଡିୟମ୍‌ରେ ଆରମ୍ଭ ହେବ । ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୬୧ରନ୍‌ରେ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଘରୋଇ ଦଳ ଭାରତକୁ ୩ ଓ୍ୱିକେଟ୍‌ରେ ହରାଇଥିଲା । ତେବେ ତୃତୀୟ ମ୍ୟାଚ୍‌ରେ ଭାରତ ୧୧ ରନ୍‌ରେ ବିଜୟୀ ହୋଇ  ବର୍ତ୍ତମାନ ସୁଦ୍ଧା ୨-୧ରେ ଏହି ସିରିଜ୍ ଅଗ୍ରଣୀ ରହିଛି ।

# ଟେନିସ୍

ଏ.ଟି.ପି. ଟେନିସ୍ ଫାଇନାଲ୍ସ ୨୦୨୪ ପ୍ରତିଯୋଗିତାର ପୁରୁଷ ଡବଲ୍ସ ବର୍ଗରେ ଭାରତର ରୋହନ ବୋପାନ୍ନା ଏବଂ ତାଙ୍କର ଅଷ୍ଟ୍ରେଲିୟ ଜୋଡ଼ିଦାର ମାଥ୍ୟୁ ଏବ୍‌ଡେନ୍ ଆଜି ଅନ୍ତିମ ଗ୍ରୁପ୍ ମ୍ୟାଚ୍ ଖେଳିବେ । ସେମାନେ ଭାରତୀୟ ସମୟ ଅପରାହ୍ଣ ଚାରିଟା ବେଳେ ଜର୍ମାନୀର କେଭିନ୍ କ୍ରାୱିଜ୍ ଓ ଟିମ୍ ପୁଏଜ୍‌ଙ୍କ ଯୋଡ଼ିକୁ ଭେଟିବେ । ଏହି ପ୍ରତିଯୋଗିତାରେ ପ୍ରଥମ ଦୁଇଟି ମ୍ୟାଚ୍ ହାରିବା ପରେ ବର୍ତ୍ତମାନ ବୋପାନ୍ନା ଓ ଏବ୍‌ଡେନ୍ ଯୋଡ଼ି ସେମିଫାଇନାଲ୍‌ରୁ ବାଦ୍ ପଡ଼ିଛନ୍ତି ।